# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## ପ୍ଲାନିଂ ଆଣ୍ଡ ଡେଭଲପ୍‌ମେଂଟ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା 16.08.2022 ରିଖ

ସମୟ – ପୂର୍ବାହ୍ନ ଘ. 11.00 ଟିକା
ସ୍ଥାନ - ନିଗମ ସଭାକକ୍ଷ "ଏକାମ୍ର"

ଉପସ୍ଥିତ ସଭ୍ୟ/ସଭ୍ୟା :-

୧. ଶ୍ରୀଧର ଜେନା, ଚେୟାରମ୍ୟାନ୍
୨. କବିତା ସ୍ୱାଇଁ,
୩. ବିପ୍ଲବ ବେହେରା,
୪. ନମିତା ମହାପାତ୍ର,
୫. ଗରୁଲତା ସାମନ୍ତରାୟ,
୬.ସୁକୁମାର ସାହୁ

ଅଦ୍ୟ ତା 16.08.2022 ରିଖ ପୂର୍ବାହ୍ନ ଘ. 11.00 ଟିକା ସମୟରେ ନିଗମ ସଭାକକ୍ଷ "ଏକାମ୍ର" ରେ ଭୁବନେଶ୍ୱର ମହାନଗର ନିଗମର ପ୍ଲାନିଂ ଆଣ୍ଡ ଡେଭଲପ୍‌ମେଂଟ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ଶ୍ରୀଧର ଜେନା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମାଂଚଳରେ କେତେକ ବ୍ୟକ୍ତି ରାସ୍ତା ଉପରେ ଗୋଡ଼ି, ବାଲି ଓ ଇଟା ଇତ୍ୟାଦି ଜମା କରି ବିକ୍ରି କରୁଛନ୍ତି, ସେମାନଙ୍କ ଠାରୁ ଅର୍ଥ ଆଦାୟ କରାଯାଉ ଏବଂ ସେଗୁଡ଼ିକୁ ଜବତ କରି ନିଲାମ କରାଯିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଗତ ତା ୧୨.୦୭.୨୦୨୨ ରିଖ ନିର୍ଦ୍ଧାରଣ ସଂଖ୍ୟା-୧(୩) ଉପରେ ଆଲୋଚନା କରାଗଲା । ଆଜିର ବୈଠକରେ D.C Revenue ଉପସ୍ଥିତ ନଥିବାରୁ ବିଲ୍ଡର୍ ମାନେ ବି ଏମ୍ ସି ରୁ ନେଉଥିବା NOC ଉପରେ ବିସ୍ତୃତ ଭାବେ ଆଲୋଚନା ହୋଇପାରିଲା ନାହିଁ, ତେଣୁ ଆସନ୍ତା ମାସ ବୈଠକରେ D.C Revenue ଉପସ୍ଥିତ ରହିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ଭୁବନେଶ୍ୱର ମହାନଗର ନିଗମାଂଚଳରେ ବିଲ୍ଡର୍ ମାନେ ଜାଗା ପ୍ଲଟିଙ୍ଗ୍ କରି ବିକ୍ରି କରୁଛନ୍ତି ଏବଂ ବହୁତଳ ପ୍ରାସାଦ ତିଆରି କରି ବିକ୍ରି କରୁଛନ୍ତି, କିନ୍ତୁ ବର୍ଷାଜଳ ନିଷ୍କାସନ ପାଇଁ ବ୍ୟବସ୍ଥା ରଖୁନାହାଁନ୍ତି, ଫଳରେ ସହରରୁ ଜଳ ନିଷ୍କାସନ ହୋଇପାରୁ ନାହିଁ । ତେଣୁ ପ୍ଲାନ୍ ଅନୁମୋଦନ ସମୟରେ ଜଳ ନିଷ୍କାସନ ପାଇଁ ଆବଶ୍ୟକତାକୁ ଦୃଷ୍ଟିରେ ରଖି ନାଳ ବ୍ୟବସ୍ଥା ରଖିବା ପାଇଁ ପଦକ୍ଷେପ ନେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୪). ଭୁବନେଶ୍ୱର ମହାନଗର ନିଗମାଂଚଳରେ ନିର୍ମାଣ ହେଉଥିବା ବହୁତଳ ପ୍ରାସାଦ ପାଇଁ ବିଲ୍ଡର୍ ମାନେ ଉପସ୍ଥାପନ କରୁଥିବା EIDP ପ୍ଲାନିଂ ଆଣ୍ଡ୍ ଡ଼େଭେଲପ୍‌ମେଂଟ ଷ୍ଟାଣ୍ଡିଂ କମିଟିରେ ଉପସ୍ଥାପନ କରିବା ପାଇଁ City Planner/ City Engineer ଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶ ଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ଘ. 12.55 ମିନିଟ୍ ସମୟରେ ସଭା ସାଂଗ କରାଗଲା ।

ସ୍ୱା/- ଶ୍ରୀଧର ଜେନା
ସଭାପତି
ତା 16.08.2022 ରିଖ